## ପୋଷଣ ପକ୍ଷ ପାଳନ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.)-ଗୋଷାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ବି. ସୀତାପୁର ଗ୍ରାମ ଅଙ୍ଗନୱାଡି କେନ୍ଦ୍ରଠାରେ ପୋଷଣ ପଖୱାଡା ପକ୍ଷ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ଅଙ୍ଗନୱାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଏକ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, କିଶୋରୀ ବାଳିକା, ଗ୍ରାମର ୱାର୍ଡ ସଭ୍ୟ, ମିନି ଅଙ୍ଗନୱାଡି କର୍ମୀ କେ. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଷଣ ଦୂରକରିବା ଓ ମାତୃ ଶିଶୁ ହାର କମାଇବା ଏହାର ଲକ୍ଷ୍ୟ । ଏହା ଉପରେ ଅଙ୍ଗନୱାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା ଲୋକଙ୍କୁ ସଚେତନ କରାଇଥିଲେ । ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ

ରାଇକିଆ,୨୭।୩(ଡି.ଏନ୍.ଏ)-ରାଇକିଆ ଥାନା ଦାଗଡ଼ି ନିକଟରେ ସୋମବାର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ରାଇକିଆ ଚୁନପଲ୍ଲୀ ଅଞ୍ଚଳର ଅରବିନ୍ଦ ଦଳ ବେହେରା ରବିବାର ସନ୍ଧ୍ୟାରୁ ଘରୁ ବାହାରକୁ ଯାଇ ରାତି ସୁଦ୍ଧା ଫେରି ନଥିଲେ। ସକାଳୁ ଦାଗଡି ନିକଟ ଏକ ଗଛରେ ମୃତ ଦେହ ଝୁଲନ୍ତା ଅବସ୍ଥାରେ ଥିବା ଏବଂ ପଛ ପଟେ ହାତ ବନ୍ଧାଯାଇଥିବା ଦେଖି ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଜି ଉଦୟଗିରି ଏସ୍‌ଡିପିଓ ତିରୁମାଲା ପଟ୍ଟନାୟକ ଏବଂ ରାଇକିଆ ଥାନା ଅଧିକାରୀ ରମାକାନ୍ତ ପାତ୍ର ଫରେନ୍ସିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ରାଇକିଆ ଥାନାରେ ନଂ ୨୫/୨୩ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

### ଦୁଇ ମୋବାଇଲ ଲୁଟେରା ଗିରଫ

ପୋଲସରା,୨୭।୩(ଡି.ଏନ.ଏ.)-ପୋଲସରା ସହରର ମେଡିକାଲ ଛକ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲସରା ଥାନା ପୋଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ୪ ମୋବାଇଲକୁ ଜବତ କରିଛି। ସେମାନେ ହେଲେ ପୋଲସରା ମଠସାହିର ଶଙ୍କର ସାହୁ ଓ ରାଣିପଡାର ସମୀର ରାଉତ। ପୋଲିସ ସୂଚନା ପ୍ରକାରେ, ଗତ ୨୫ ତାରିଖରେ ଚନ୍ଦନ ପ୍ରଧାନ ନିଜ ମୋବାଇଲ ଦୋକାନର ତାଲା ଭଙ୍ଗା ଯାଇ ମୋବାଇଲ ଫୋନ ଲୁଟ୍ ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲସରା ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ପୋଲସରା ନଂ. ୧୬୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ସହରର ସବୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଧରାଯାଇଥିଲା। ଜବତ ହୋଇଥିବା ଚାରୋଟି ମୋବାଇଲ ଫୋନକୁ ଦୋକାନୀକୁ ହସ୍ତାନ୍ତର କରାଯାଇଥିବା ନେଇ ପୋଲସରା ଥାନା ଏସ୍‌ଆଇ ଜୟ ପ୍ରକାଶ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ତେରଦଣ୍ଡ ମିଳନ ସମାରୋହ ପ୍ରସ୍ତୁତି

ବାଲିଗୁଡ଼ା,୨୭।୩(ଡି.ଏନ.ଏ.)-ବାଲିଗୁଡ଼ାରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୧୪ ତାରିଖ ଯାଏ ମା' କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ବାଲିଗୁଡ଼ା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୬ ବର୍ଷ ପୂର୍ତ୍ତି ଅବସରରେ ୩୪ତମ ବାର୍ଷିକ ତେରଦଣ୍ଡ ମିଳନ ସମାରୋହ ଏପ୍ରିଲ ୯ ତାରିଖ ରବିବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇଛି। ତେଣୁ ବାଲିଗୁଡ଼ା ଅଞ୍ଚଳବାସୀଙ୍କୁ ସମିତି ତରଫରୁ ମାର୍ଚ୍ଚ ୩୧ ତାରିଖଠାରୁ ଏପ୍ରିଲ ୧୪ ତାରିଖ ଯାଏ ସମଗ୍ର ସହରରେ ଅଣ୍ଡା, ମାଛ, ମାଂସ, ଶୁଖୁଆ, ଆମିଷ ଦ୍ରବ୍ୟ ଅନୁଷ୍ଠାନରେ ବିକ୍ରି ଓ ସେବନ ବନ୍ଦ କରି ସହଯୋଗ କରିବା ସହିତ ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି। ତେରଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୯ ତାରିଖ ସକାଳ ୮ଟାରେ ମା' ପାଟଖଣ୍ଡା ମନ୍ଦିରରେ ତେରଦଣ୍ଡ ଥଳଙ୍କୁ ବରଣ କରାଯିବ। ପୂର୍ବାହ୍ନ ସାଢ଼େ ୧୧ଟାରେ ଟାଉନର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ, ଅପରାହ୍ନ ସାଢ଼େ ୫ଟାରେ ବନ୍ଧପାଖରେ ପାଣିଦଣ୍ଡ, ସନ୍ଧ୍ୟା ୫ଟାରେ ସବୁଠାରୁ ବିଶେଷ ଆକର୍ଷଣ ବଜାର ଛକରେ ତେରଦଣ୍ଡର ଏକ ମହାମିଳନ ଆୟୋଜନ କରାଯିବ। ରାତ୍ର ୧୧ଟାରେ ଝୁଣାଦଣ୍ଡ ପଟୁଆର ସହ ୧୦ ତାରିଖ ସୋମବାର ସକାଳ ୮ଟାରେ ଯାତ୍ରା ସମାପନ ହେବ। ଏଣୁ ସମସ୍ତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି।

# ରାସ୍ତା ନାହିଁ, ଦୁର୍ଦ୍ଦଶା ଭୋଗୁଛନ୍ତି ଡାଙ୍ଗାସିବାସୀ


ମହିଳାମାନେ କୂଅାରୁ ପାଣି ନେଉଛନ୍ତି।

ରାଇକିଆ,୨୭।୩(ଡି.ଏନ୍.ଏ)

ରାସ୍ତା ନାହିଁ, ୫ କି.ମି. ଦୁର୍ଗମ ଜଙ୍ଗଲ ମଧ୍ୟରେ ଘାଟି ପାହାଡ଼ ଚଢ଼ି ଗଲେ ପହଞ୍ଚି ହୁଏ କନ୍ଧମାଳ ଜିଲା ରାଇକିଆ ବ୍ଲକର ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗିସି ଗ୍ରାମରେ। କନ୍ଧମାଳ- ଗଞ୍ଜାମ ଜିଲା ସୀମାନ୍ତରେ ଥିବା ଏହି ଗ୍ରାମରେ ସରକାରର ସବୁ ଯୋଜନା ଅପହଞ୍ଚ। ରାସ୍ତାଠାରୁ ଆରମ୍ଭ କରି ଶିକ୍ଷା,ସ୍ୱାସ୍ଥ୍ୟ ଭଳି ଜରୁରୀ ସେବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ । ଗାଁରେ ପ୍ରାଥମିକ ବିଦ୍ୟାଳୟ ନାହିଁ କି ଅଙ୍ଗନୱାଡି କେନ୍ଦ୍ର ନାହିଁ। ଗାଁରେ ଏକାଧିକ ପିଲା ବିଦ୍ୟାଳୟରେ ନାମ ଲେଖାଇ ନ ପାରି ଅଧାରୁ ପାଠ ଛାଡ଼ିଛନ୍ତି। ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇବାକୁ ହେଲେ ୨୫ କି.ମି. ଦୂର ରାଇକିଆ ସହର ଉପରେ ନିର୍ଭରଶୀଳ । ଏ ସବୁ ସମସ୍ୟା

#### ମିଳୁନି ସାଧାରଣ ସୁବିଧା

ଭିତରେ ସବୁଠାରୁ ବଡ଼ ଚାଲେଞ୍ଜ ଭାବେ ଦେଖା ଦେଇଛି ରାସ୍ତା କାମ । ଅଧାପନ୍ତରିଆ ଭାବେ ରାସ୍ତା କାମ ଛାଡ଼ି ଦିଆଯାଇଥିବାରୁ ଗାଁକୁ ଦୁଇଚକିଆ ଯାନ ମଧ ଯାଇପାରୁନାହିଁ । କାମ ଶେଷ କରିବା ପାଇଁ ଅନେକ ଥର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମାଧମରେ ଦୁଇ ଥର ଅଭିଯୋଗ ମଧ କରିଛନ୍ତି । ୧୪ ପରିବାର ବସବାସ କରୁଥିବା ଏହି ଗ୍ରାମରେ ସବୁ ଘର ମାଟି ଓ କଚାଘର । ଆବାସ ଯୋଜନା ପାଇବା ପାଇଁ କିଛି ଗ୍ରାମବାସୀଙ୍କ ତାଲିକାରେ ନାମ ଥିଲେ ମଧ ରାସ୍ତା ନଥିବାରୁ ଘର ତିଆରି ସରଞ୍ଜାମ ଆଣିବାରେ ଅସୁବିଧା ଯୋଗୁ ଘର ତିଆରି କରିପାରୁ ନାହାନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନ ପାରି ଭତ୍ତାରୁ ବଞ୍ଚିତ ହେଉଛନ୍ତି ବୃଦ୍ଧାବୃଦ୍ଧ । ଗାଁରେ ଥିବା ଏକ ମାତ୍ର କୁଆ ଓ ଝରଣା ପାଣିକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଖରାଦିନେ ଝରଣା ଶୁଖିଗଲେ ୨କି.ମି. ପାହାଡ ଚଢ଼ି ପାଣି ଆଣିବାକୁ ପଡୁଛି। ଏସବୁ ଭିତରେ ସାଧାରଣ ଜୀବନ ବିତାଇବା ପାଇଁ ଗ୍ରାମବାସୀ ସଂଘର୍ଷ କରୁଛନ୍ତି । ଭୋଟ ଦେଲା ବେଳେ ମଧ ଘାଟି ପାହାଡ ଚଢ଼ି ଭୋଟ ଦାନ କରୁଛନ୍ତି। ଏ ନେଇ ଗ୍ରାମର ମଞ୍ଜୁଳା ପ୍ରଧାନ କୁହନ୍ତି, ଗାଆଁକୁ ରାସ୍ତା ନ ଥିବାରୁ ନା ଏଠାରେ ବିଦ୍ୟାଳୟ ଅଛି ନା ଅଙ୍ଗନୱାଡି ଗୃହ ଅଛି, ପିଲାମାନେ ପାଠ ପଢି ପାରୁନାହାନ୍ତି। ଦେହ ଖରାପ ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପାରୁନାହୁଁ । ସାବିତ୍ରୀ ମଲ୍ଲିକ କୁହନ୍ତି, ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଝରଣାପାଣି ଉପରେ ନିର୍ଭର କରୁଛନ୍ତି, ରାସ୍ତା ନ ଥିବାରୁ ନଳକୂପଟିଏ ମଧ ଗ୍ରାମରେ ନାହିଁ ।

# ଆଜିଠାରୁ ଦଣ୍ଡିଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆପଡ଼ା,୨୭।୩

କୋଦଳାସ୍ଥିତ ଦଣ୍ଡିଶ୍ୱର ମହାଦେବଙ୍କ ପୀଠରେ ମଙ୍ଗଳବାରଠାରୁ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହେଉଛି । ଏଥିପାଇଁ ରବିବାର ଦୀକ୍ଷା ଗ୍ରହଣ ପରେ ସୋମବାର ସକାଳେ କଳସଯାତ୍ରା ସହ ମଣ୍ଡଳକରଣ କରାଯାଇଛି ଏବଂ ରାତିରେ ଅଙ୍କୁରାରୋପଣ କରାଯାଇଛି। ମଙ୍ଗଳବାରଠାରୁ ଯଜ୍ଞକର୍ମ ଆରମ୍ଭ ସହ ବ୍ରାହ୍ମଣବରଣ, ସୂର୍ଯ୍ୟପୂଜା, ଶାଳାପୂଜା, ଅଗ୍ନି ସଂସ୍କାର ହୋମ, ଆରତି ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ରହିଛି। ୨୮ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଏପ୍ରିଲ ୭ ତାରିଖ ଶୁକ୍ରବାର ଯଜ୍ଞ ପୂର୍ଣ୍ଣାହୁତି ହେବ। ବାବା ଦଣ୍ଡିଶ୍ୱରଙ୍କ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ପାଇଁ ୧ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦୀର୍ଘ ୧୧ ଦିନବ୍ୟାପୀ ହେବାକୁ ଥିବା ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ଆଖପାଖ ଅଞ୍ଚଳରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏଥିପାଇଁ ସ୍ଥାନୀୟ କୋଦଳା ପୋଲିସ ପକ୍ଷରୁ ମଧ ପ୍ରସ୍ତୁତି କରାଯାଇଛି। ଜନସମାଗମକୁ ଦୃଷ୍ଟିରେ ରଖି ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ପୋଲିସ ମୁତୟନ ରହିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କାର୍ଯ୍ୟ କରିବେ। କୋଦଳା ପୂର୍ବତନ ନଗରପାଳ ହରପ୍ରସାଦ ସାହୁ ମହାଯଜ୍ଞ ପାଇଁ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ସହଯୋଗ କରୁଥିବା ବେଳେ କୋଦଳା ୟୁଥ୍ ଫୋରମର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ ହୋଇଛନ୍ତି।

# କଳସ ଯାତ୍ରା, ମନ୍ଦିର ପ୍ରତିଷ୍ଠା ଉତ୍ସବ


ମହିଳାମାନେ କଳସଯାତ୍ରାରେ ଯାଉଛନ୍ତି।

ଶେରଗଡ଼,୨୭।୩(ଡି.ଏନ.ଏ.)

ଶେରଗଡ଼ ବ୍ଲକ ଶେରଗଡ଼ ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମରେ ନିର୍ମାଣ ହୋଇଥିବା ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୋମବାର ଆରମ୍ଭ ହୋଇଛି। ବାରସୀଙ୍ଗି ଗ୍ରାମ ନିକଟ ଅଷୁଣି ନଦୀ ପୀଠରୁ ଗଙ୍ଗାମାତାକୁ ଆବାହନ କରି ଶତାଧିକ ମହିଳାମାନେ କଳସରେ ଜଳ ଧରି ଏକ ଶୋଭାଯାତ୍ରାରେ ପତାପଲି, ଶେରଗଡ଼, ଅଁଳାମୁଣ୍ଡୁଳି ଗ୍ରାମ ଦେଇ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲେ। ବୃନ୍ଦାବନ ଶତପଥି ପୁରୋହିତଙ୍କ ନେତୃତ୍ୱରେ ଏହି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଉମେଶ ଚନ୍ଦ୍ର ତ୍ରିପାଠୀ ଓ ତାଙ୍କର ସ୍ତ୍ରୀ କାର୍ଯ୍ୟ ତୁଲାଇଥିଲେ। ମଧ୍ୟାହ୍ନ ମଣ୍ଡପ ପୂଜା, ଧିକ୍ଷଭିସେକ, ଅଙ୍କୁରାରୋପଣ, ମଙ୍ଗଳାବର ସୂର୍ଯ୍ୟପୂଜା, ହନୁମାନ ଚାଳିଶା ପଠନ, ବୁଧବାର ଯଜ୍ଞ ସାଳା ପୂଜା ଆଦି କାର୍ଯ୍ୟକ୍ରମ ରହିଛି।

# ଦୁଇ ମାମଲାରେ ୩ କୋର୍ଟଚାଲାଣ

ଗୋପାଳପୁର,୨୭।୩(ଡି.ଏନ.ଏ.)

ଜଣେ ବ୍ୟକ୍ତିଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ମାଡ଼ ମାରିବା ଘଟଣାରେ ଗୋପାଳପୁର ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଭେଙ୍କଟରାୟପୁର ଗ୍ରାମର କେ. ଏରେୟା (୩୩) ଓ ବି ଚିନେୟା (୩୦) ବୋଲି ତଦନ୍ତ ଅଧିକାରୀ ସୋଫିଆ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ଭେଙ୍କଟରାୟପୁର ଗ୍ରାମରେ ଶନିବାର ରାତିରେ ଏକ ହୋଟେଲରେ ଶିବ ନାୟକ ଜଳଖିଆ ଖାଇବା ବେଳେ ସେହି ଗ୍ରାମର ଏରେୟା ଓ ଚିନେୟା ମଧରେ ଝଗଡା ହୋଇଥିଲା । ଉଭୟ ମିଶି ଶିବଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଆକ୍ରମଣ କରିଥିଲେ। ଏଥିରେ ଶିବ ଆହତ ହୋଇଥିଲେ। ଏ ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୧୦୦/୨୩ ପ୍ରକାରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ଶିବ ମଧ ଆକ୍ରମଣ କରିଥିବା ନେଇ ଏରେୟା ପାଲଟା ଥାନାରେ ଅଭିଯୋଗ କରିଥିଲେ। ଥାନା କେଶ ନଂ ୧୦୧/୨୩ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ରବିବାର ଭେଙ୍କଟରାୟପୁର ଗ୍ରାମରେ ଏରେୟା ଓ ଚିନେୟା ଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିବା ସହ ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଗତ ଫେବୃୟାରୀ ମାସରେ ଛେଳି ଚୋରି ମାମଲାରେ ଶିବ ଫେରାର ଥିବା ବେଳେ ପୋଲିସ ମଧ୍ୟାହ୍ନ ସମୟରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଶିବଙ୍କ ନାଁରେ ବ୍ରହ୍ମପୁର ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି।

### ଭ୍ୟାନ୍ ସହ ଗଞ୍ଜେଇ ଜବତ, ୨ ଗିରଫ

କ.ନୂଆଗାଁ,୨୭।୩(ଡି.ଏନ୍.ଏ.)

କ.ନୂଆଗାଁ ପୋଲିସ ଏକ ପିକଅପ ଭ୍ୟାନ ସହ ୪୧୫ କିଲୋ ୬୦୦ ଗଞ୍ଜେଇକୁ ଜବତ କରିଛି। ବେଆଇନ୍ ଗଞ୍ଜେଇ ଚାଲାଣ ଅଭିଯୋଗରେ ସୋମବାର ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କଟକ ଜିଲା ଅଧାଲୀୟା ଗ୍ରାମର ବାବୁ ବେହେରା ଓ ସଞ୍ଜୟ କୁମାର ସେଠୀ। ଭ୍ୟାରେ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ସୂଚନା ପାଇ କ.ନୂଆଗାଁ ପୋଲିସ କୁଡୁତୁଲି ଯିବା ରାସ୍ତା ମାରୁତିପୋଲିଠାରୁ ଚଢ଼ାଉ କରି ଧରିଥିଲା । ପରେ ଗାଡ଼ିକୁ ଯାଞ୍ଚ କଲା ପରେ ସେଥିରୁ ଗଞ୍ଜେଇ ବାହାରିଥିଲା। ଏ ନେଇ କ.ନୂଆଗାଁ ଥାନାରେ ନଂ.୪୭/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କୁମର ମୁଦୁଲି ସୂଚନା ଦେଇଛନ୍ତି।

# ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

ରମ୍ଭା,୨୭।୩

ରମ୍ଭା ବିସିସି ବ୍ୟାଙ୍କ ପରିସରଭୁକ୍ତ ମାଲାଡ଼ ଗ୍ରାମପଞ୍ଚାୟତର ଲୁଙ୍ଗୁରୀ ଗ୍ରାମରେ ପ୍ରାଥମିକ କୃଷି ସମବାୟ ସମିତି ଲିଃ. ଆନୁକୂଲ୍ୟରେ ଏକ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଞ୍ଜାମ ବ୍ଲକ ଅଧକ୍ଷା ପ୍ରତିନିଧି ସୁରଥ ପାହାନ, ମୁଖ୍ୟବକ୍ତା ରମ୍ଭା ବିସିସି ବ୍ୟାଙ୍କ ଶାଖା ପରିଚାଳକ ଏମ୍. ଜଗବନ୍ଧୁ ଦୋରା, ସମ୍ମାନିତ ଅତିଥି ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ବ୍ରହ୍ମପୁର ଚନ୍ଦ୍ରଶେଖର ନାୟକ, ସମିତିସଭ୍ୟ ସାନୁ ମହାପାତ୍ର, ଉପସଭାପତି ବି. ସରସ୍ୱତୀ, ମାଲାଡ଼ ସରପଞ୍ଚ ମମତା ବେହେରା, ପ୍ରତିନିଧି ସୁଦାମ ବେହେରା ମଞ୍ଚାସୀନ ଥିଲେ। ଭାଗଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ୨୨ ସୋସାଇଟିକୁ ୩୨ କୋଟି ଟଙ୍କା ବଣ୍ଟନ କରାଯାଇଛି।

# ପନ୍ଦରା କୁଳ ସମାଜର ରାଜ୍ୟସ୍ତରୀୟ ନିର୍ବାଚନୀସଭା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଦିଗପହଣ୍ଡି,୨୭।୩(ଡି.ଏନ.ଏ.)

ଦିଗପହଣ୍ଡିରେ ନିଖିଳ ଓଡିଶା ପନ୍ଦରା ସମାଜର ରବିବାର ରାଜ୍ୟସ୍ତରୀୟ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ରାଜ୍ୟର ୮ଟି ଜିଲାରୁ କୁଳ କର୍ମକର୍ତ୍ତାଙ୍କ ସମେତ ହଜାର ହଜାର କୁଳ ସଦସ୍ୟ ସଭାରେ ଯୋଗଦେଇଥିଲେ। ଡମ୍ବୁରୁଧର ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଅମର କୁମାର ବେହେରା ଯୋଗଦେଇ କୁଳ ସମାଜର ସଂସ୍କାରମୂଳକ କାର୍ଯ୍ୟକ୍ରମ ଉପରେ ଅଭିଭାଷଣ ରଖିବା ସହ ପନ୍ଦରା ସମାଜକୁ ସମୃଦ୍ଧିଶାଳୀ କରିବା ଦିଗରେ ସମସ୍ତଙ୍କ ଗଠନାତ୍ମକ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ବିଶ୍ୱମୂର୍ତ୍ତି ପାଖରେ ପ୍ରଦୀପ ପ୍ରଜ୍ୱଳନ ସହ ଗଞ୍ଜାମ୍ ଜିଲା ସମ୍ପାଦକ ଚନ୍ଦ୍ର ଶେଖର ବାଡତ୍ୟା ବାର୍ଷିକ ବିବରଣୀ ପଠନ କରିଥିଲେ। ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନିର୍ବାଚନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଜଗନ୍ନାଥ ବାଡତ୍ୟା ନିଯୁକ୍ତି କରାଯାଇଥିଲା। ରାଜ୍ୟ କର୍ମକର୍ତ୍ତା ସର୍ବ ସମ୍ମତିକ୍ରମେ ଚୟନ କରାଯାଇଥିଲା। ସଭାପତି ଭାବେ ଜଗନ୍ନାଥ ବାଡତ୍ୟା, ଉପ-ସଭାପତି ବିଜୟ କୁମାର ବାଡତ୍ୟା, ସମ୍ପାଦକ ଚନ୍ଦ୍ର ଶେଖର ବାଡତ୍ୟା, ସହ-ସମ୍ପାଦକ ମଦନ ମୋହନ ବାଡତ୍ୟା, କୋଷାଧକ୍ଷ ଚିରଞ୍ଜିତ ବାଡତ୍ୟାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀର କିଶୋର ହରୀ ବାଡତ୍ୟା, ଶରତ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର, ବସନ୍ତ ଓ ଭଗବାନ ବାଡତ୍ୟାଙ୍କୁ ରଖାଯାଇଛି। ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ପରେ ସବାର ଦ୍ୱତୀୟ ପର୍ଯ୍ୟାୟରେ ୮ଟି ଜିଲାର କର୍ମକର୍ତ୍ତାମାନଙ୍କୁ ମଧ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ କୁଳ ସମାଜର ସାଙ୍ଗଠନିକ ଅଭିବୃଦ୍ଧି ଓ ନିରପେକ୍ଷ ଭାବେ କାର୍ଯ୍ୟ ତୁଲାଇବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚଳନାରେ କୁଳ ସମାଜ ଲୋକଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିଲା।

# ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ଜି.ଉଦୟଗିରି,୨୭।୩

ଜି.ଉଦୟଗିରି ପଞ୍ଚାୟତ ସମିତି ରଗିଙ୍ଗିଆ ଅଞ୍ଚଳବାସୀ ବିଭିନ୍ନ ଦାବି ନେଇ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ସମସ୍ୟା ସମାଧାନ ନିମନ୍ତେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜି.ଉଦୟଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ରଗିଙ୍ଗିଆ ସମିତିସଭ୍ୟ ତଥା ପଞ୍ଚାୟତ ସମିତି ଉପାଧକ୍ଷ ଏନ.ଲୁକ, ସମାଜିକକର୍ମୀ ହୃଷୀକେଶ ପ୍ରଧାନ ଓ ରଗିଙ୍ଗିଆ ସରପଞ୍ଚ ବିଷ୍ଣୁଦେବ ପ୍ରଧାନଙ୍କ ନେତୃତ୍ୱରେ ରଗିଙ୍ଗିଆ ପଞ୍ଚାୟତବାସୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରିଥିଲେ। ଉକ୍ତ ଦାବି ଗୁଡିକ ମଧ୍ୟରେ ନେଟୱର୍କସମସ୍ୟା ସମାଧାନ, ଭତ୍ତା ସମସ୍ୟା ସମାଧାନ, ବିଦ୍ୟୁତ୍ କାଟ ପ୍ରତି ଦୃଷ୍ଟି ଦେବା, ଜି.ଉଦୟଗିରି ଶ୍ରୀରାମପଦାଠାରୁ ଡକ୍ରିଙ୍ଗିଆ ଭାୟା ରଗିଙ୍ଗିଆ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଯୋଜନାରେ ତୁରନ୍ତ ମରାମତି କରିବା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମାଧାନ କରିବା। ଉକ୍ତ ଦାବୀ ଗୁଡିକର ସମାଧାନ ତୁରନ୍ତ ନ ହେଲେ ଆଗକୁ ପଞ୍ଚାୟତବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ନେଟୱର୍କ ସମସ୍ୟା ସମାଧାନ ନିମନ୍ତେ ବିଏସ୍‌ଏନ୍‌ଏଲ ସହ ବିକଳ୍ପ ଭାବେ ଜିଓ ଟାୱାର ନିର୍ମାଣ ନିମନ୍ତେ ପୂର୍ବରୁ ଜନଶୁଣାଣି ସମୟରେ ଲୋକେ ଅଭିଯୋଗ କରିଥିଲେ । କିନ୍ତୁ ଏହାର କୌଣସି ସମାଧାନ ହୋଇ ନ ଥିଲା ବୋଲି ଅଞ୍ଚଳବାସୀ କହିଛନ୍ତି।

# ଜିଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ



ପାରଳାଖେମୁଣ୍ଡି, ୨୭।୩ (ଡି.ଏନ୍.ଏ):

ପାରଳାଖେମୁଣ୍ଡିସ୍ଥିତ ଗାନ୍ଧୀ ଛକ ନିକଟରେ ଗୌରହରି ପାଠାଗାରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ରବିବାର ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ କରିଥିବାରୁ ଏହାକୁ ବିରୋଧ କରି ଭାରତରେ ତଥା ସମସ୍ତ ରାଜ୍ୟ ସାରା ମୋଦି ସରକାରଙ୍କୁ ବିରୋଧରେ ନାରାବାଜି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିରେ ଗଜପତି ଜିଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଗୁମ୍ମା ବ୍ଲକର ଜିଲାପରିଷଦ ସଭ୍ୟ ରେଣୁକା ପାତ୍ର, ରାୟଗଡ଼ା ବ୍ଲକର ଏମ. ମଣ୍ଡଳ, ମଫେଲ ସାଲସିଂ, ଆର.ଉଦୟଗିରି ଫଇଲ୍ଲି ମାଳି,ସୂର୍ଯ୍ୟନାରାୟଣ ପାତ୍ର ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଛତ୍ରପୁର,୨୭।୩(ଡି.ଏନ୍.ଏ.)

ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୋମବାର ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଛତ୍ରପୁରର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଅଶୋକ କୁମାର ଚୌଧୁରୀ, ପୂର୍ବତନ ବିଧାୟକ ଅରୁଣ କୁମାର ଶତପଥୀ, ସମ୍ପାଦକ କ୍ୟୁରେସ୍ ଓ ଏ. ବିଶ୍ୱମ୍ଭର ଏବଂ ଓଡ଼ିଆ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତାରେ ବଟକୃଷ୍ଣ ତ୍ରିପାଠୀ, ଅରୁଣ କୁମାର ଶତପଥୀ, ସମ୍ପାଦକ କ୍ୟୁରେସ୍ ଓ ରବି ନାରାୟଣ ରାଉତରାୟ ବିଚାରକ ଭାବେ ଯୋଗଦେଇଥିଲେ। ଉଚ୍ଚ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତାରେ ସୌମ୍ୟ ମହାନ୍ତି, ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ଅର୍ପିତା ମହାପାତ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ସ୍ମୃତିରେଖା ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଲିପ୍ସାରାଣୀ ଗୌଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକସ୍ତରରେ ବଦ୍ରିନାଥ ମିଶ୍ର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ପ୍ରଥମ ସ୍ଥାନ ଏବଂ ଅନିଲ ପ୍ରଧାନ, ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟସ୍ତରରେ ମମତା ଶତପଥୀ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ପ୍ରଥମ, ସାଗର ବେହେରା ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଦ୍ୱିତୀୟ ଓ ମିସ୍ କିରଣ ପ୍ରଧାନ, ମହିଳା ଡିଗ୍ରୀ ମହାବିଦ୍ୟାଳୟ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟସ୍ତରରେ କୁମାରୀ ସୁରେଖା କନ୍ଧ ପୋଲିସ ହାଇସ୍କୁଲ, ଛତ୍ରପୁର ପ୍ରଥମ ସ୍ଥାନ, କେ. ଅଙ୍କିତା ପାତ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ କିରଣ ବାଳା ମିଶ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଛତ୍ରପୁର ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଏବଂ ଇପ୍ସିତା ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଚ୍ଚ ମାଧ୍ୟମିକ ସ୍ତରରେ ପୂଜା ଦାସ ଛତ୍ରପୁର ମହିଳା ମହାବିଦ୍ୟାଳୟ ପ୍ରଥମ ଓ ଇତିଶ୍ରୀ ବେହେରା ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାରେ ଏ ଶ୍ରାବଣୀ ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲାସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇବେ । କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଏପ୍ରିଲ ୧ ପୂର୍ବାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ଦିବସ ସମାରୋହରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜିଲା ସଂସ୍କୃତି ଭବନ ଛତ୍ରପୁରଠାରେ ପୁରସ୍କୃତ କରାଯିବ ।

**ଯୌତୁକ ନିର୍ଯାତନା ସହ ମାଡ଼ ଅଭିଯୋଗ**

ଦିଗପହଣ୍ଡି,(ଡି.ଏନ.ଏ.):ଦିଗପହଣ୍ଡି ଥାନା ପଦ୍ମନାଭପୁର ଗ୍ରାମର ଏସ୍.ବୁଲି ରେଡ୍ଡୀଙ୍କୁ ତାଙ୍କ ସ୍ୱାମୀ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏସ୍.ବୁଲିଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ.୧୧୬/୨୩ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୧୨ ବର୍ଷ ପୂର୍ବେ ବୁଲି ବିବାହ କରିଥିଲେ। ବାହାଘର ସମୟରେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହ ପରଠାରୁ ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଅଧିକା ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିଲେ। ରବିବାର ତାଙ୍କୁ ସ୍ୱାମୀ ନିସ୍ତୁକ ମାଡ଼ ମାରିଥିଲେ। ଦିନକୁ ଦିନ ସ୍ୱାମୀଙ୍କ ନିର୍ଯାତନା ଓ ମାଡ଼ ଅସହ୍ୟ ହେବାରୁ ସେ ଥାନାରେ ଏତଲା ଦେଇଥିବା ପୋଲିସ କହିଛି। ଗିରଫ ଭୟରେ ଅଭିଯୁକ୍ତ ସ୍ୱାମୀ ଫରାର ଥିବା ଜଣାପଡିଛି।

## ସଂକ୍ଷେପରେ

### ପୋଖରୀରେ ବୁଡି ଜଣେ ମୃତ

ଆସିକା,୨୭।୩ (ଡି.ଏନ.ଏ.): ଗାଙ୍ଗପୁର ଥାନା କେନ୍ଦୁପଦର ହାଇସ୍କୁଲ ସନ୍ନିକଟ ଏକ ପୋଖରୀରେ ବୁଡି ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନିମିନା ଗ୍ରାମର ପୀତବାସ ମହାରଣା (୫୫)। ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ପୀତବାସ ସ୍ନାନ ଶୌଚ ଲାଗି ପୋଖରୀକୁ ଯାଇଥିଲା ବେଳେ ପାଣିରେ ବୁଡିଯାଇଥିଲେ। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଏ ନେଇ ସ୍ଥାନୀୟ ଥାନାରେ ନଂ.୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କାରଯାଇଛି ।

### ବିଧାନସଭାରେ ବିଧାୟକଙ୍କ ଲବଣ ଉତ୍ପାଦନ କ୍ଷେତ୍ର ପ୍ରଶ୍ନ

ଗଞ୍ଜାମ,୨୭।୩(ଡି.ଏନ.ଏ.): ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅଧିନ ଗଞ୍ଜାମ ବ୍ଲକରେ ଥିବା ହୁମ୍ମା ଲବଣ କ୍ଷେତ୍ର ସମ୍ପର୍କିତ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଉକ୍ତ ଲବଣ ଚାଷ ଜମିକୁ ରାଜ୍ୟ ସରକାରଙ୍କ ମାଲିକାନାକୁ ଆଣିବା ପାଇଁ କଣ ପଦକ୍ଷେପ ନିଆଯାଇଥିବା ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ପ୍ରଶ୍ନ କରିଥିଲେ। ପତ୍ର ସଂଖ୍ୟା ୧୨୭୦୬ ଅନୁଯାୟୀ ୧୬.୩.୨୦୨୦ରେ ଉକ୍ତ ଜମିରେ ପରିଚାଳନା ପରିବର୍ତ୍ତେ ସମ୍ପୂର୍ଣ୍ଣ ମାଲିକାନା ରାଜ୍ୟ ସରକାରଙ୍କ ହସ୍ତାନ୍ତର ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ସୂଚନା ହସ୍ତଗତ ହୋଇନଥିବା ମନ୍ତ୍ରୀ ଉତ୍ତର ରଖିଥିଲେ। ସୂଚନା ଯୋଗ୍ୟ, କେନ୍ଦ୍ର ସରକାରଙ୍କ ଅଧୀନରେ ରହିଥିବା ଲବଣ ଉତ୍ପାଦନ ଚାଷ ଜମିର କେବଳ ପରିଚାଳନା ନିମନ୍ତେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ୨୦୧୯ରେ ପ୍ରସ୍ତାବ ଦେଇଥିଲେ।

### ଯୁବତୀ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର ଅଫିସ,୨୭।୩-ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ରବିହାର ରାସ୍ତାରେ ସୋମବାର ରାତି ପ୍ରାୟ ୯ଟାରେ ଯୁବତୀ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏମାନେ ଏକ ବାଇକରେ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି। ଆକ୍ରମଣରେ ପଞ୍ଚୁଦଉଳ ସାହିର ରାଜେଶ ରାଓ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେହିପରି ରାଜେଶ ସହ ଯାଉଥିବା ଯୁବତୀ ଜଣଙ୍କ ମଧ ଆହତ ହୋଇଛନ୍ତି। ଆକ୍ରମଣ ପରେ ଜୀବନ ବଞ୍ଚାଇବାକୁ ଉଭୟ ଜଣେ ବ୍ୟକ୍ତିଙ୍କ ଘରେ ପଶି ଯାଇଥିଲେ। ପରେ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଯାଇଥିବା ବେଳେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିନାହିଁ। ଖବର ପାଇ ବଡ ବଜାର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି ।

# ସ୍ୱାମୀଙ୍କୁ ୪ବର୍ଷ ଜେଲ, ୪ ନିର୍ଦ୍ଦୋଷ

## ଯୌତୁକ ଜନିତ ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୨୭।୩

ଗଞ୍ଜାମ ଜିଲା ଦୌରା ଜଜ ସୋମବାର ଏକ ଯୌତୁକ ଜନିତ ହତ୍ୟା ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ଗୋଳନ୍ଥରା ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଅଦୀପ ଚନ୍ଦ୍ର ନାୟକ। ଜିଲା ଜଜ ଅଦିପଙ୍କୁ ୪ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟେ ଅତିରିକ୍ତ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ଜିଲା ଜଜଙ୍କ ନିର୍ଦ୍ଦେଶ ରହିଛି। ସେହିପରି ଏହି ମାମଲାରେ ଜଡିତ ଥିବା ଅଦୀପଙ୍କ ମା' ପୂର୍ଣ୍ଣୀ ନାୟକ, ଭାଉଜ ମିତା ନାୟକ, ଭଉଣୀ ଅଞ୍ଜଳି ନାୟକ ଓ ବଡ ଭାଇ ଅନ୍ତର୍ଯ୍ୟାମୀ ନାୟକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କୋର୍ଟରେ ଉକ୍ତ ମାମଲାର ବିଚାର ଚାଲିଥିବା ବେଳେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦନଗରର କୃଷ୍ଣଚନ୍ଦ୍ର ମଲାଣଙ୍କ ଝିଅ ସ୍ୱପ୍ନାଙ୍କୁ ରଘୁନାଥପୁରର ଅଦୀପ ୨୦୦୯ ଜୁନ ୨୬ରେ ବିବାହ କରିଥିଲେ। ବିବାହ ବେଳେ ଯୌତୁକ ବାବଦକୁ ଲକ୍ଷାଧିକ ଟଙ୍କା, ସୁନା ଗହଣା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର ୩ମାସ ପରେ ଅର୍ଥାତ ୨୦୦୯ ଅକ୍ଟୋବର ୭ରେ ସ୍ୱପ୍ନାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସ୍ୱପ୍ନା ଗର୍ଭବତୀ ଥିବା ବେଳେ ତାଙ୍କ ଶଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ତାଙ୍କୁ ହତ୍ୟା କରିଥିଲେ ବୋଲି ଭାଇ ଗଣେଶ ମଲାଣ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.ରେ ୧୦୬/୦୯ ରେ ଅଦିପ, ପୂର୍ଣ୍ଣୀ, ଅନ୍ତର୍ଯ୍ୟାମୀ, ମିତା ଓ ଅଞ୍ଜଳିଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ଜାମିନରେ ଆସିଥିଲେ। ପରେ ଅଦୀପ ଦ୍ୱିତୀୟ ବିବାହ କରିଥିଲେ। ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଅଦୀପ, ପୂର୍ଣ୍ଣୀ, ମିତା ଓ ଅଞ୍ଜଳିଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜଜ ଅଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।

# ଘୁମୁସର ଜିଲା ଦାବିରେ ଭଞ୍ଜନଗର ବନ୍ଦ



ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଞ୍ଜନଗର,୨୭।୩(ଡି.ଏନ.ଏ.)

## ଆନ୍ଦୋଳନରେ ଶିକ୍ଷକ, ଅଧ୍ୟାପିକା ସାମିଲ ହେଲେ

ଘୁମୁସର ଜିଲା ଦାବି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭଞ୍ଜନଗର ବନ୍ଦ ଡାକରା ଦିଆଯାଇଥିଲା। ଏଥିପାଇଁ ସୋମବାର ସହରର ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ବନ୍ଦ ଥିଲା। ଆନ୍ଦୋଳନକୁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ମଧ ସମର୍ଥନ ଘୋଷଣା କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିସହ କେତେକ ଶିକ୍ଷକ ନେତା, ଅଧ୍ୟାପିକା ମଧ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ରବିବାର ସନ୍ଧ୍ୟାରେ ସହରରେ ଶୋଭାଯାତ୍ରା କରିଥିଲେ। ଏହାପୂର୍ବରୁ ମଧ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସେମାନେ ଅନ୍ୟମାନଙ୍କ ସହଯୋଗରେ ଏକ ଦାବିପତ୍ର କିଛିଦିନ ପୂର୍ବେ ଦେଇଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ରାଜସ୍ୱ ଉପଖଣ୍ଡ ରାଜ୍ୟର ବଡ ଉପଖଣ୍ଡ ହୋଇଥିଲେ ମଧ ତାଠାରୁ ଛୋଟ ଅଞ୍ଚଳ ଗୁଡିକୁ ପୂର୍ବରୁ ଜିଲା ଘୋଷଣା କରାଯାଇଛି। କିନ୍ତୁ ଭଞ୍ଜନଗରକୁ ଜିଲା ଘୋଷଣା କରାଯାଉନାହିଁ। ଏହି ଉପଖଣ୍ଡର ୮ ବ୍ଲକ ଏବଂ ୫ଟି ଏନ୍‌ଏସିକୁ ନେଇ ଘୁମୁସର ଜିଲା ଘୋଷଣା କରିବା ପାଇଁ ବହୁବର୍ଷ ହେବ ଅଞ୍ଚଳ ବାସୀ ଦାବୀ କରି ଆସୁଛନ୍ତି। ବିଭିନ୍ନ ସଙ୍ଗଠନ ପକ୍ଷରୁ ପୁଣି ଆନ୍ଦୋଳନକୁ ତୀବ୍ରତର କରାଯାଇଛି। ଘୋଗଡ଼ରୁ ଜଣେ ଜିଲା କାର୍ଯ୍ୟାଳୟ ଛତ୍ରପୁରକୁ ଯିବାକୁ ହେଲେ ୧୫୦ କି.ମି. ଯିବାକୁ ପଡୁଛି। ଏତେଦୂର ଜଣେ ଯିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧା ପାଇଁ ଘୁମୁସର ଜିଲା ନିହାତି ଆବଶ୍ୟକ ରହିଛି।

ଆନ୍ଦୋଳନରେ ଭଞ୍ଜନଗର ବନ୍ଦରେ ଉତ୍କଳ ସାମ୍ବାଦିକ ସଂଘ, କେତେଜଣ ଆଇନଜୀବୀ, ବିପଦର ବନ୍ଧୁ ଓଡିଶା ସଙ୍ଗଠନ, ହ୍ୟୁମାନିଟି ସ୍ପେସ୍, ଘୁମୁସର ଲେଖିକା ସଂସଦ, ହେଲ୍ପ ଇଣ୍ଡିଆ ମୁଜାଗଡ,ବଜରଙ୍ଗ ଦଳ ଦଦରଲୁଣ୍ଡା, ବାଉଁଶଲୁଣ୍ଡି ରାଧାକୃଷ୍ଣ ନଦିଆ ସଂଘ, ରାଧାକୃଷ୍ଣ ପାଠାଗାର, ବାଞ୍ଛେଶ୍ୱର ଲକ୍ଷ୍ମୀ ପୁଜା କମିଟି ବାଉଁଶଲୁଣ୍ଡି, ବରିଷ୍ଠ ନାଗରିକ ମଞ୍ଚ, ଆର.ସି.ୟୁନିଟି,ଚାଷୀ ମୂଲିଆ ସଂଘ, ଅଖିଳ ଭାରତୀୟ କ୍ଷେତ ମଜଦୁର କିଷାନ ସଭା, ରୋଟାରି କ୍ଲବ ,ବାଣିଜ୍ୟ ସଂଘ,ଘୁମୁସର ଟେଣ୍ଟ ହାଉସ ମାଲିକ ସଂଘ, ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ସାମିଲ ଥିଲେ।

# ରେଳଧାରଣା ପାରବେଳେ ଅଘଟଣ ଜଣେ ମୃତ, ଜଣେ ଗୁରୁତର

ବ୍ରହ୍ମପୁର ଅଫିସ,୨୭।୩

ରେଳଧାରଣା ପାର ବେଳେ ଘଟିଛି ଅଘଟଣ। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆଉ ଜଣେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୫୮ ବର୍ଷ ହେବ ବୋଲି ରେଳବାଇ ପୋଲିସ କହିଛି। ଅନ୍ୟପଟେ ରେଳ ସୁରକ୍ଷା ବଳ କର୍ମଚାରୀମାନେ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି।

ପ୍ରକାଶ ଯେ, ସୋମବାର ହଳଦିଆପଦର ନିକଟ ରେଳଧାରଣାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ପୋଲିସ ମୃତଦେହ ଜବତ କରି ନଂ.୨୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିଚୟ ମିଳି ନ ଥିବାରୁ ବ୍ୟବଛେଦ ପରେ ସଂରକ୍ଷଣ ଗୃହରେ ରଖାଯାଇଛି ବୋଲି ପୋଲିସ କହିଛି। ସେହିପରି କନ୍ଧମାଳ ଜିଲା ସାରଙ୍ଗଗଡ଼ ଗ୍ରାମର ଦୁଇ ପରିବାର କାମ କରିବାକୁ ଚେନ୍ନାଇ ଯିବା ପାଇଁ ସୋମବାର ସକାଳେ ବ୍ରହ୍ମପୁର ଆସିଥିଲେ। ବାଳକୃଷ୍ଣ ବେହେରା(୩୫) ଓ ଚିତ୍ରସେନ ନାୟକ(୪୫)ଙ୍କ ପରିବାର ସଦସ୍ୟ ରେଳଷ୍ଟେଶନର ପ୍ଲାଟ୍‌ଫର୍ମ-୨ରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ହେଲେ ବାଳକୃଷ୍ଣ ଓ ଚିତ୍ରସେନ କୌଣସି କାରଣରୁ ବାହାରକୁ ଯାଇଥିଲେ। କିଛି ସମୟ ପରେ ଶୁଣିବାକୁ ମିଳିଥିଲା, ରେଳଧାରଣା ପାର ହେଉଥିବା ଜଣେ ଲୋକ ଯଶୱନ୍ତପୁର-ହାୱଡା ସୁପରଫାଷ୍ଟ ଟ୍ରେନ୍ ଧକ୍କାରେ ଆହତ ହୋଇଛନ୍ତି। ବାଳକୃଷ୍ଣ ସେଠାକୁ ଯାଇ ଦେଖିବା ବେଳକୁ ଆହତ ଚିତ୍ରସେନଙ୍କୁ ପୋଲିସ ମେଡିକାଲ ନେଉଛି। ଫଳରେ ଉଭୟ ପରିବାରର ଚେନ୍ନାଇ ଯିବା ଯୋଜନା ଅଧାରେ ରହିଯାଇଥିଲା। ବାଳକୃଷ୍ଣ ନିଜ ପରିଚୟ ପୋଲିସକୁ ଦେବା ସହ ଚିତ୍ରସେନ ସୁସ୍ଥ ହେବା ପରେ ଆମେ ତାଙ୍କୁ ଗାଁକୁ ନେଇଯିବୁ ବୋଲି ରେଳ ସୁରକ୍ଷା ବଳ (ଆରପିଏଫ) ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ବବିତା



@ ଦୁର୍ଗାପ୍ରସାଦ



@ ଆୟେଶା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଗ୍ନିକାଣ୍ଡରେ ଜଳିଗଲା କାଠସାମଗ୍ରୀ



ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ ।

ବ୍ରହ୍ମପୁର ଅଫିସ,୨୭।୩

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଜ୍ ଛକରେ ଥିବା ଏକ ତାଲାବନ୍ଦ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର କାଠସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ଉକ୍ତ ଘରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ପ୍ରକାଶ ଯେ, ଟାଟାବେଞ୍ଜ୍ ଛକରେ ଥିବା ଏକ ହୋଟେଲର ଜଣେ କର୍ମଚାରୀ ସୁନୀଲ ପାତ୍ର ତାଙ୍କ ହୋଟେଲ ନିକଟ ଏକ ଘରେ ନିଆଁ ଲାଗିଥିବା ନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସେଠାରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଘର କବାଟ ଭାଙ୍ଗି ନିଆଁକୁ ଆୟତ୍ତ ପାଇଁ ଭିତରକୁ ଯାଇଥିଲେ। ସେଠାରେ କାଠସାମଗ୍ରୀ ମହଜୁଦ ରହିଥିବା ବେଳେ ସେଥିରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ଏହାଛଡ଼ା ଉକ୍ତ ଘରେ କାଠ କବାଟ, ଦୁଆରବନ୍ଧ, ପଟା ଓ ଅନ୍ୟାନ୍ୟ ଆସବାବପତ୍ର ରହିଥିବା ଜଣାପଡ଼ିଥିଲା। ହେଲେ ଉକ୍ତ କାଠସାମଗ୍ରୀ ଓ ଆସବାବପତ୍ର ସବୁ ନିଆଁଲାଗି ପୋଡ଼ି ପାଉଁଶ ହୋଇଯାଇଛି।

# ବ୍ରହ୍ମପୁରରେ ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି

ବ୍ରହ୍ମପୁର ଅଫିସ,୨୭।୩





ଅଭିଯୋଗ ଶୁଣାଣିରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ ।

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ନି ସି ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଭି. କୀର୍ତ୍ତି ୱାସନ ଓ ବ୍ରହ୍ମପୁର ଏସ୍‌ପି ଶର୍ବଣା ବିବେକ ଏମ୍. ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ମୋଟ ୬୪ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୬୦ଟିର ସମାଧାନ କରାଯାଇଥିବାବେଳେ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ତୁରନ୍ତ ଫଇସଲା ପାଇଁ ଉପଜିଲାପାଳ ଲାଇନ୍ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲା ବରିଷ୍ଠ କଳାକାର ସଂଘର ବିଶ୍ୱ ନାଟ୍ୟ ଦିବସ

ବ୍ରହ୍ମପୁର ଅଫିସ,୨୭।୩

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ସୋମବାର ପ୍ରକାଶମ୍ ହଲ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ କଳାକାର କୈଳାସ ପାଣିଗ୍ରାହୀ, ନାଟ୍ୟକାର ରମେଶ ମହାରଣା ଓ ହିଞ୍ଜିଳି ବ୍ଲକ ଜିଲା ପରିଷଦ ସଦସ୍ୟା ପ୍ରୀତି ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବେଲପୁର ନୀଳକଣ୍ଠେଶ୍ୱର ଘଣ୍ଟ ସଂକୀର୍ତ୍ତନ ମୃଦଙ୍ଗ ବାଦ୍ୟ, ସାତ କୁଟୁଣୀ ହରଗୌରୀ ନାଟ୍ୟ ସଂଘ ଓ ବୁରିପଦର କୁଠାରୀଶ୍ୱରୀ ପାଲା ସଂଘ ପକ୍ଷରୁ ଘଣ୍ଟ ବାଦ୍ୟ, ଦଣ୍ଡ ସୁଆଙ୍ଗ ଏବଂ ପାଲା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଏଥିରେ ସମାଜିକକର୍ମୀ ଡ. ସବିତା ସୁଆର ପାଣିଗ୍ରାହୀ, ବରିଷ୍ଠ ସଂଗୀତଜ୍ଞ ସୀମାଞ୍ଚଳ ଦାସ, ଇଂ. ଜାମିନୀକାନ୍ତ ଦାସ, ବରିଷ୍ଠ ଶିକ୍ଷାବିତ ଶଙ୍କର୍ଷଣ ସାବତ ଓ ନାଟ୍ୟ ସଂଘ ଉପସଭାପତି ଇଂ ମନୋଜ କୁମାର ଦଣ୍ଡପାଟ ଅତିଥି ଭାବେ ଯୋଗ ଦେଇଥିଲେ। କଳା ଜଗତରେ କଳାକାରଙ୍କ ଅସ୍ମିତାର ପରିଚାୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଭବାନୀ ଶଙ୍କର ମିଶ୍ର, ସି.ଏଚ୍. ସନ୍ତୋଷ କୁମାର ସୁବୁଦ୍ଧି, ଡା ତିରୁପତି ସାହୁ ଓ ଗୀତା ସାହୁଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଳଦେବ ସାହୁ, କୁନୁ ବେହେରା, ପ୍ରଦୀପ କୁମାର ସାହୁ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ବଳାତ୍କାର ମାମଲାରେ ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୨୭।୩(ଡି.ଏନ.ଏ.)

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ସୋମବାର ଗୋଳନ୍ଥରା ପୋଲିସ ଅପହରଣକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପିତାତଳି ଗ୍ରାମର ପି. ଦେବରାଜ ରେଡ୍ଡୀ(୨୦)। ସୂଚନା ଅନୁସାରେ, ଏହି ଥାନା ଅଞ୍ଚଳର ନାବାଳିକାଙ୍କୁ ପିତାତଳି ଗ୍ରାମର ଦେବରାଜ ଗତ ୨୩ ତାରିଖରେ ଅପହରଣ କରିନେଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬୮/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା ପରେ ନାବାଳିକା ବୟାନ ରେକର୍ଡ କରାଯାଇଛି।

# ଅସ୍ଥିଶଲ୍ୟ ବିଭାଗର ନୂତନ ସେମିନାର ହଲ୍ ଉଦ୍‌ଘାଟିତ



ସେମିନାର ହଲ୍ ଉଦ୍‌ଘାଟନ କରୁଛନ୍ତି ଅତିଥି।

ବ୍ରହ୍ମପୁର ଅଫିସ,୨୭।୩

## ବ୍ରହ୍ମପୁର ବଡମେଡିକାଲ

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ପିଜି ଅସ୍ଥିଶଲ୍ୟ ବିଭାଗ କୋଠା ଚତୁର୍ଥ ମହଲାର ନୂତନ ସେମିନାର ହଲ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ଅବନୀକାନ୍ତ ମିଶ୍ର, ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ରାସ୍ତା ଓ କୋଠାବାଡ଼ି ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବଙ୍କିମ ଚନ୍ଦ୍ର ପଣ୍ଡା ଓ ରେଜିଷ୍ଟ୍ରାର ରାଜେନ୍ଦ୍ର ମିଞ୍ଜି ପ୍ରମୁଖ ଅତିଥିଭାବେ ଯୋଗଦେଇ ହଲ୍‌କୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡା. ଚନ୍ଦ୍ର ଶେଖର ପ୍ରଧାନଙ୍କ ସମେତ ସମସ୍ତ ଡାକ୍ତର ଉପସ୍ଥିତ ଥିଲେ। ନିକଟରେ ଅସ୍ଥି ଶଲ୍ୟ ବିଭାଗରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି ହୋଇଥିଲା। ଏହି ନୂତନ ସେମିନାର ହଲ ପିଜି ଡାକ୍ତରଙ୍କ ପଠାପଢ଼ା ଓ ଏକାଡେମୀ କାର୍ଯ୍ୟକଳାପରେ ବିଶେଷ ସହାୟକ ହେବ ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

